ଧରିତ୍ରୀ

# ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

**ସାଲେପୁର, ୧୫।୩(ଡି.ଏନ୍.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ଆନନ୍ଦ ଯୁକ୍ତ ରସାୟନ ବିଜ୍ଞାନ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର ପୌରୋହିତ୍ୟ କରିଥିଲେ । ଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ତାରା ଶଙ୍କର ପାଲ ଯୋଗଦେଇ ରସାୟନ ବିଜ୍ଞାନ କିପରି ଆନନ୍ଦ ଯୁକ୍ତ ହୋଇପାରିବ ସେ ସମ୍ପର୍କରେ କହିଥିଲେ । ଅଧ୍ୟକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ର ବିଷୟରେ କହିଥିଲେ । ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ । ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଦ୍ୟୁମ୍ନ ଚୌଧୁରୀ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଡ. ଶ୍ରୀୟାସୁକୁଲ ବଳ କାର୍ଯ୍ୟକୁ ସଂଯୋଜନା କରିଥିଲେ । ପ୍ରାଧ୍ୟାପକ ବୈଷ୍ଣବ ଚରଣ ପୃଷ୍ଟି, ରିନା ସ୍ୱାଇଁ, ଡ. ବିଚିତ୍ରାନନ୍ଦ ଦାଶ, ଜୟବର୍ଦ୍ଧନ ଜେନା, କ୍ଷଣପ୍ରଭା ମହାନ୍ତି, ଆଲୋକ ମହାନ୍ତି, ସୀତାଂଶୁ ମିଶ୍ର, ମଙ୍ଗରାଜ ପଣ୍ଡା, ଆଞ୍ଜୁମ ହାସନ, ରମେଶ ସେଠୀ, ସଞ୍ଜୟ ନାୟକଙ୍କ ସହ ଅଧ୍ୟାପିକାଅଧ୍ୟାପକ ଓ ବିଭାଗୀୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଭାଗ୍ୟଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ ।